# Akashvani, Sambalpur

## SAMBALPURI NEWS BULLETIN

### 18 June 2025- 6.47- 6.52 am.

**********************************************

ମୋ ପଂଚାୟତ୍ - ମୋ ତହସିଲ-ରାଜସ୍ୱ ମନ୍ତ୍ରୀ

ଆର୍ଏନ୍ୟୁ/ ସମ୍ବଲପୁର

ଫି’ ପଂଚାୟତ୍ ନ ତହସିଲ୍ ସେବା ଯୁଗେଇ ଦେବାର୍ ଲାଗି ରାଜ୍ୟ ସର୍କାର୍ ଖୋବ୍ ଜଲ୍ଦି ‘ମୋ ପଂଚାୟତ୍ - ମୋ ତହସିଲ୍’ ସେବା ମୁଲ୍ କର୍ବାର୍କେ ଯାଉଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ତହସିଲ୍ ସେବା ପାଏବାର୍ ଲାଗି ଲୁକ୍କୁ ଆଉ ହଏରାନ୍ ହେବାର୍କେ ନାଇଁ ପଡ଼େ କି ତହସିଲ୍ ଅଫିସ୍କେ ଧାଇଁବାର୍କେ ନାଇଁ ପଡ଼େ । ତହସିଲ୍ସେବା ତାଙ୍କର୍ ଘର୍ ପାଶ୍କେ ଆସ୍ବା । ସେନ୍ତା ଏମ୍ବୁଲେନ୍ସ ସେବା ଭିଲ୍ ଏତ୍କର ଅନ୍ଲାଇନ୍ ଜରିଏ ଯୁଗେଇ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଆଦିବାସୀ ଶକ୍ତି ସମାବେଶ୍-ମୟୁର୍ଭଞ୍ଜ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବିଜେପି ସରକାର୍ଙ୍କର୍ ୧ ବଛର୍ ପୂର୍ତି ଅବ୍ସରେ ଆଏଜ୍ ମୟୁର୍ଭଞ୍ଜ୍ ଜିଲ୍ଲା ବାରିପଦା ଠାନେ ଆଦିବାସୀ ଶକ୍ତି ସମାବେଶ୍ର ଆୟୋଜନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଛଉ ପଡ଼ିଆଠାନେ କାର୍ଯ୍ୟକ୍ରମ୍କେ ଉଦ୍ଘାଟନ୍ କରିକରି ରାଜ୍ୟ ସର୍କାର୍ଙ୍କର୍ ବଛର୍କର୍ ଉପଲବ୍ଧି ବାବ୍ଦେ କହେବେ । ଖାସ୍ କରି ଆଦିବାସୀ ମାନ୍କୁ ବର୍କସ୍ କର୍ବାର୍ ଦିଗେ ରାଜ୍ୟ ଆଉ କେନ୍ଦ୍ର ସର୍କାର୍ ନେଇଥିବା ପଦକ୍ଷେପ୍ ବାବ୍ଦେ କହେବେ ବଲି ଜନାପଡ଼ିଛେ ।

ଡାଇରିଆ ଥିତି ସମୀକ୍ଷା I&PR

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଗଲାକାଏଲ୍ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଚାପିଥିବା ଡାଇରିଆ ଥିତି ଆର୍ ଇତାକେ ଆଏତ୍ କର୍ବାର୍ ଲାଗି ନିଆଯାଉଥିବା ପଦକ୍ଷେପ୍ର ସମୀକ୍ଷା କରିଛନ୍ । ବୈଠକ୍ଥି ସ୍ୱାସ୍ଥ୍ୟ ବିଭାଗ୍ କମିଶନର୍ ଆଉ ଶାସନ୍ ସଚିବ ଅଶ୍ୱତି ଏସ୍. ଯୋଗ୍ ଦେଇକରି ଝାଡ଼ାବାନ୍ତି ଥିତି ବାବ୍ଦେ ଜନେଇଛନ୍ । ଥିତି ଆଏତ୍ କର୍ବାର୍ ଲାଗି ସବୁ ପ୍ରକାର୍ ପଦକ୍ଷେପ୍ ନିଆଯାଉଛେ ବଲି ସେ କହିଛନ୍ । କାର୍ଯ୍ୟକ୍ରମ୍ଥି ଭିନ୍ ଭିନ୍ ଜିଲ୍ଲାର୍ ଜିଲ୍ଲାପାଲ୍ମାନେ ଆଭାସୀ ଜରିଏ ଯୋଗ୍ ଦେଇକରି ନିଜର୍ ନିଜର୍ ଇଲାକାର୍ ଥିତି ବାବ୍ଦେ ଜନେଇଥିଲେ ।

ନୂଆଁ ଅପରାଧୀକ୍ ଆଇନ-କର୍ମଶାଳା     I&PR

ଭୁବ୍‌ନେଶ୍ୱର୍ ପୁଲିସ୍ ଭବନ୍ ଠାନେ ବିଜୁ ପଟ୍ଟନାୟକ୍ ରାଜ୍ୟ ପୁଲିସ୍ ଏକାଡେମୀ ତର୍‌ଫୁ ଗଲାକାଏଲ୍ ନୂଆଁ ଅପରାଧୀକ୍ ଆଇନ୍ ଉପ୍‌ରେ ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାକେ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଉଦ୍‌ଘାଟନ୍ କରିକରି ନୂଆଁ ଅପରାଧୀକ୍ ଆଇନ୍‌କେ ତୃଣମୂଳ ସ୍ତର୍ ନ କାର୍ଯ୍ୟକାରୀ କର୍‌ବାର୍ ଦିଗେ ବରିଷ୍ଠ ପୁଲିସ୍ ଅଧିକାରୀମାନ୍‌କର୍ ବଡ଼ ଭୂମିକା ରହିଛେ ବଲି କହିଛନ୍ । କାର୍ଯ୍ୟକ୍ରମ୍‌କେ ସିବିଆଇର୍ ଆଘର୍ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ ଧରମ୍‌ଚାନ୍ଦ୍ ଜୈନ୍ ଆର୍ ପ୍ରଶିକ୍ୟୁସନ୍ ନିର୍ଦ୍ଦେଶିକା ପଦ୍ମିନୀ ସିଂ ଯୋଗ୍ ଦେଇଥିଲେ ।

ଓ.ୟୁ.ଏ.ଟି- ଅଣଧାନ୍ କିସମ               ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ- ଓ.ୟୁ.ଏ.ଟି ତର୍‌ଫୁ ୫ ଟା ଅଣଧାନ ଫସଲ୍ କିସମ୍‌କେ ବିକଶିତ୍ କରାଯାଇଛେ । ଇ କିସମ୍‌କେ ରାଜ୍ୟସ୍ତରୀୟ କିସମ ଅନୁମୋଦନ୍ କମିଟି ତର୍‌ଫୁ ଅନୁମୋଦନ୍ କରାଯାଇଛେ । ଇ ୫ କିସମ୍ ଅଣଧାନ୍ ଅଏତ୍‌କା ଅମଲ୍ କରିପାର୍‌ବା ଆଉ ରୋଗପୋକ ସହନଶୀଳ କିସମ୍ ଆଏ । ଇତାକେ ରାଜ୍ୟର୍ ଚାଷୀମାନେ ବେଭାର୍ କରିପାର୍‌ବେ ବଲି ଓ.ୟୁ.ଏ.ଟି ତର୍‌ଫୁ

କୁହାଯାଇଛେ । ୫ ଟା ଅଣଧାନ୍ କିସମ୍ ଭିତ୍‌ରେ ଶ୍ରୀନିଧି ମଡ଼ିଆ, ଶ୍ରୀୟା ବିର୍‌ହି, ଅଳସୀ- ପ୍ରଭାତ, ମାଣିକ ଜଡ଼ା ଆଉ ଜୟନ୍ତୀ ତୁରିଆ ରହିଛେ ।

ଆଇ.ସି.ସି. ସର୍ବେକ୍ଷଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଲିଙ୍ଗଗତ ନିର୍ଯ୍ୟାତନା ନିବାରଣ ଆଇନ୍-୨୦୧୩ ଅନ୍‌ସାରେ ରାଜ୍ୟର୍ ସବୁ ସର୍‌କାରୀ ଆଉ ଘରୋଇ ଅନୁଷ୍ଠାନ୍ ମାନ୍‌କେ ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି-ଆଇ.ସି.ସି. ଗଠନ୍ କର୍‌ବାର୍ ଲାଗି ସର୍ବେକ୍ଷଣ୍ କର୍‌ବାର୍‌କେ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍‌ଦେ ବିଭାଗ୍‌ର ଅତିରିକ୍ତ ସଚିବ ସବୁ ଜିଲ୍ଲାପାଳ୍‌ମାନ୍‌କୁ ଚିଠି କରିଛନ୍ । ଜୁଲାଇ ୧୫ ତାରିଖ୍‌ତକ୍ ସର୍ବେକ୍ଷଣ୍ କାମ୍ ସାରିକରି ରିପୋର୍ଟ ଦେବାର୍‌କେ ଚିଠିଥି କହିଛନ୍ ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫-୨୬ ଶିକ୍ଷା ବଛର୍ ଲାଗି ଯୁକ୍ତ ୩ ପହେଲା ଖେପ୍ ନାଁଲେଖା ଗଲାକାଏଲ୍ ଶେଷ୍ ହେଇଛେ । ପହେଲା ଖେପେ ୭୪ ହଜାର୍ ୧୮ ଝନ୍ ଛାତ୍ରଛାତ୍ରୀ ନାଁ ଲେଖେଇଛନ୍ । ଆହୁରି ୨ ଲାଖ୍ ଶହେ ୬୭ ସିଟ୍ ଖାଲି

ପଡ଼ିଛେ । ଆଏବା ୨୨ ତାରିଖ୍ ୨ ନମ୍ବର୍ ମେଧା ତାଲିକା ବାହାର୍‌ବା ଆଉ ଇଥିର୍‌ଲାଗି ୨୨ ନୁ ୨୫ ତାରିଖ୍ ଭିତ୍‌ରେ ନାଁଲେଖା ହେବା ।

ଚାଷୀ କର୍ମଶାଳା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ମିଲିତ୍ ଜାତିସଂଘ ଅନ୍ତର୍ଗତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ୍ ତର୍‌ଫୁ 'ଜଳବାୟୁ ସ୍ଥିରତା ଲାଗି ଅନୁକୂଳ ପରିବେଶ୍' ଶୀର୍ଷକ୍ କର୍ମଶାଳା ହେଇଯାଇଛେ । ଜଳବାୟୁ ପରିବର୍ତନ୍ ସଙ୍ଗେ ତାଲ୍ ଦେଇକରି କ୍ଷୁଦ୍ର ଆଉ ନାମମାତ୍ର ଚାଷୀମାନ୍‌କର୍ ଦକ୍ଷତା ବୃଦ୍ଧି କର୍‌ବାର୍ ଇ କର୍ମଶାଳାର୍ ମୁଖ୍ୟ ଲକ୍ଷ୍ୟ ଆଏ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍ ଅଧ୍ୟକ୍ଷତା କରିଥିଲେ ।

ସ୍ୱାସ୍ଥ୍ୟ ଶିବିର, ନିଶା ନିବାରଣ୍ ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଟିକର୍‌ପଡ଼ା ପଂଚାୟତ୍‌ର ବହାଲ୍‌ପଡ଼ା ଠାନେ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଆଉ ନିଶା ନିବାରଣ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ସ୍ୱାସ୍ଥ୍ୟ ଆଉ ଅବକାରୀ ବିଭାଗ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଶହେ ଝନ୍ ହିତାଧିକାରୀଙ୍କୁ ସାହାଜ୍ ବଂଟନ୍

କରାଯାଇଥିଲା । ସେନ୍ତା ମେଲେରିଆ, ହେପାଟାଇଟିସ୍ ଲାଗି ଲୁକ୍‌କର୍ ରକ୍ତନମୁନା ପରୀକ୍ଷା କରାଯାଇଥିଲା ।

ଭାରତ୍- ଇଂଲଣ୍ଡ୍ ଟେଷ୍ଟ୍‌ମେଚ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୦ ତାରିଖ୍‌ନୁ ମୁଲ୍ ହେବାର୍‌କେ ଯାଉଥିବା ଭାରତ୍- ଇଂଲଣ୍ଡ୍ ପହେଲା ଟେଷ୍ଟ୍‌ମେଚ୍‌ର ସିଧା ପ୍ରସାରଣ୍ ଦୂରଦର୍ଶନ୍‌ର ସ୍ପୋର୍ଟସ୍ ଚେନାଲ୍‌ଥି କରାଯିବା । ଭାରତ୍ ଇ ସିରିଜ୍‌ଥି ୫ ଟା ଟେଷ୍ଟ୍‌ମେଚ୍ ଖେଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର୍ ପ୍ରଭାବ୍‌ଥି ରାଏଜେ ଆଏବା ୨ ଦିନ୍‌ତକ୍ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍ ସହେତେ ୭ ଟା ଜିଲ୍ଲାକେ ଜବର୍ ବର୍ଷା ନେଇକରି ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ଆଏଜ୍, କାଏଲ୍ ଭିତ୍‌ରେ ମୌସୁମୀ ଆହୁରି ସକ୍ରିୟ ହେଇକରି ସାରା ରାଜ୍ୟକେ ପୁହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।